## କେନ୍ଦୁଝର : 'କାଳିଆ' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତି ବୈଠକ :

## ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିବାକୁ ଜିଲ୍ଲାପାଳଙ୍କ ତାଗିଦ୍



କେନ୍ଦୁଝର, ତା ୦୧.୦୧. ରାଜ୍ୟରେ କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଦିଗରେ ସହାୟ ହେବା ପାଇଁ ଓଡିଶା ସରକାର 'କାଳିଆ' (କୃଷକଙ୍କ ଜୀବିକା ଓ ଆୟବୃଦ୍ଧି ପାଇଁ ସହାୟତା) ଯୋଜନା ଆରମ୍ଭ କରିଛନ୍ତି । ଗତ ତା ୩୧.୧୨.୨୦୧୮ରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିବା ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ଏହି ଯୋଜନାର ସଠିକ୍ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳ ଆଶିଷ ଠାକରେ ଗୁରୁତ୍ୱାରୋପ କରିଛନ୍ତି । ଗତ ଡିସେମ୍ବର ୩୧ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନଫରେନସ୍ ହଲଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏ ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇ କାର୍ଯ୍ୟଖସଡା ପ୍ରସ୍ତୁତି କରାଯାଇଛି । ଏହି ଯୋଜନାରେ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ସଂପୃକ୍ତ ଅଧିକାରୀ/ କର୍ମଚାରୀମାନଙ୍କୁ ଜିଲ୍ଲାପାଳ ତାଗିଦ କରିଛନ୍ତି । ଏହି ଯୋଜନା ସଂପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ପ୍ରତି ପଂଚାୟତରେ ଯୋଜନା ସଂପର୍କିତ ପୋଷ୍ଟର, ଫ୍ଲେକ୍ସ ବ୍ୟାନର, ହୋଡିଂ ଲଗାଇବା, ୱାଲ ପେଂଟିଙ୍ଗ୍ କରାଇବା ସହିତ ବସ, ଅଟୋ ମାନଙ୍କରେ ଭିନାଇଲ୍ ଷ୍ଟିକର ଲଗାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଫର୍ମ ଗ୍ରହଣ ଓ ଅଭିଯୋଗ ଗ୍ରହଣ ନିମନ୍ତେ ପ୍ରତି ଗ୍ରାମ ପଂଚାୟତରେ ଯଥାକ୍ରମେ ସବୁଜ ବାକ୍ସ ଓ ଲାଲ ବାକ୍ସ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ମିଳୁଥିବା ଫର୍ମ ଓ ଅଭିଯୋଗଗୁଡିକର କମ୍ପ୍ୟୁଟରୀକରଣ କରିବା ପାଇଁ ପ୍ରତି ଲ୍ୟାମ୍ପସ୍‌ମାନଙ୍କରେ ୨ ଜଣ ଓ ପ୍ରତି ପାକ୍ସମାନଙ୍କରେ ୧ ଜଣ ଲେଖାଏଁ ଡାଟା ଏଂଟ୍ରି ଅପରେଟର ନିଯୁକ୍ତି କରିବା ପାଇଁ ବହିତ ପଦକ୍ଷେପ ନେବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ 'କାଳିଆ' ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି କିସ୍ତିରେ ୨୫୦୦୦ ଟଙ୍କା ଲେଖାଏଁ ସହାୟତା, ଭୂମିହୀନମାନଙ୍କୁ ୧୨,୫୦୦ ଟଙ୍କାର ଆର୍ଥିକ ସହାୟତା, ବୃଦ୍ଧବସ୍ଥାରେ ଥିବା କିମ୍ବା ଅନ୍ୟ କୌଣସି କାରଣରୁ ଅସମର୍ଥ ହୋଇଥିବା ଚାଷୀଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା, ଚାଷୀ ଓ ଭୂମିହୀନ ପରିବାରକୁ ୨ ଲକ୍ଷ ଟଙ୍କା ଜୀବନବୀମା ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମାର ସୁବିଧା ସହାୟତା ପାଇ ପାରିବେ । ଏତଦ୍ ବ୍ୟତୀତ ଫସଲ ଉତ୍ପାଦନ ପାଇଁ ୫୦ ହଜାର ଟଙ୍କାର ସୁଧ ମୁକ୍ତ ଋଣ ସହାୟତା ପାଇ ପାରିବେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ, ପିଡି ଡିଆରଡିଏ ନୃସିଂହ ଚରଣ ସ୍ୱାଇଁ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, କୃଷି ଉପନିର୍ଦ୍ଦେଶକ କାଶୀନାଥ ସାହୁ, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ନାରାୟଣ ମଢେଇ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ କୃଷି, ସମବାୟ ବିଭାଗର ଅଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର